**ଷ୍ଟାଣ୍ଡାର୍ଡ ପେନସିଲ୍ସ (ପି) ଲିମିଟେଡ୍ ଇତ୍ୟାଦି ଇତ୍ୟାଦି**

**ବନାମ**

**କେନ୍ଦ୍ରୀୟ ଉତ୍ପାଦ କଲେକ୍ଟର୍, ମାଡ୍ରାସ୍**

**ସେପ୍ଟେମ୍ବର 19, 2002**

**[ସୟଦ୍ ଶାହ ମହମ୍ମଦ କାଦ୍ରୀ ଏବଂ ଏସ୍. ଏନ୍. ଭରିଅଭା ନ୍ୟାୟମୂର୍ତ୍ତିଦ୍ୱୟ]**

*କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ଅଧିନିୟମ, 1985:*

*ଅନୁସୂଚୀ - ଉପ-ଶୀର୍ଷକ 3307.90 - କୁମ୍-କୁମ୍ ପେନସିଲ୍ - ଉତ୍ପାଦ ଶୁଳ୍କ ଆଦାୟ - ଏଥିରୁ ଅବ୍ୟାହତି - ରାଜସ୍ୱ ବିଭାଗ କୁମ୍-କୁମ୍ ପେନସିଲକୁ ଉପ-ଶୀର୍ଷକ 3304.00 ଅଧୀନରେ ଶ୍ରେଣୀବିଭାଗୀକୃତ କରିବା - ଟିକସଦାତା-ନିର୍ମାତା ଯୁକ୍ତି କରିଛନ୍ତି ଯେ କୁମ୍-କୁମ୍ ପେନସିଲ୍ କୁମ୍-କୁମ୍ ର ଏକ ପ୍ରକାର ହୋଇଥିବାରୁ ଏହା ଉପ-ଶୀର୍ଷକ 3307.90 ଅଧୀନରେ ଶ୍ରେଣୀବିଭାଗୀକୃତ ହୋଇଥିଲା ଏବଂ ସମୟ ସମୟରେ ସଂଶୋଧିତ 3.4.1986 ର ଅଧିସୂଚନା ସଂଖ୍ୟା 235/1986-CE ଅଧୀନରେ ଉତ୍ପାଦ ଶୁଳ୍କରୁ ଛାଡ଼ପ୍ରାପ୍ତ ଥିଲା - ଏହା ନିର୍ଣ୍ଣୟ କରାଯାଇଥିଲା ଯେ, କୁମ୍-କୁମ୍ ପାଉଡର, ତରଳ ଏବଂ ଷ୍ଟିକର ପ୍ରକାରରେ 'କୁମ୍-କୁମ୍' ର ଅର୍ଥ ମଧ୍ୟରେ ଆସେ - କୁମ୍-କୁମ୍ ଅନ୍ୟ ତିନୋଟି ପ୍ରକାର ସହିତ ପେନସିଲ୍ ପ୍ରକାରରେ ବଜାରରେ ଉପଲବ୍ଧ ଅଛି ଏବଂ ଯେହେତୁ କେନ୍ଦ୍ର ସରକାର ଅଧିସୂଚନାରେ ଏହି ସୁବିଧାକୁ ଏକ ନିର୍ଦ୍ଦିଷ୍ଟ ପ୍ରକାର କିମ୍ବା ପ୍ରକାରଗୁଡ଼ିକରେ ସୀମିତ କରିନାହାଁନ୍ତି, ତେଣୁ ପେନସିଲ୍ ପ୍ରକାରରେ କୁମ୍-କୁମ୍ କୁ ସୁବିଧାରୁ ବଞ୍ଚିତ କରିବାର କୌଣସି କାରଣ ନାହିଁ - ଯେହେତୁ ଅଧିସୂଚନାରେ 'କୁମ୍-କୁମ୍' ଏକ ସାଧାରଣ ଶବ୍ଦ ଭାବରେ ବ୍ୟବହୃତ ହୋଇଛି, ତେଣୁ ଏହା 'କୁମ୍-କୁମ୍' ର ସମସ୍ତ ପ୍ରକାରକୁ ଅନ୍ତର୍ଭୁକ୍ତ କରିବ - କଲେକ୍ଟର (ଅପିଲ) ଙ୍କ ଅନୁଯାୟୀ, କୁମ୍-କୁମ୍ ପେନସିଲ୍ ହେଉଛି 'କୁମ୍-କୁମ୍' ର ଏକ ପ୍ରକାର ଏବଂ ଏହା ଅଧିସୂଚନା ସଂଖ୍ୟା 235/1986-CE ର ସୁବିଧା ପାଇବାକୁ ହକଦାର ଅଟେ।*

ଦେୱାନୀ ଅପିଲୀୟ ଅଧିକାରିତା: ଦେୱାନୀ ଅପିଲ ସଂଖ୍ୟା 737/1995।

ଏଫ୍. ଓ. ସଂଖ୍ୟା 146/1993-C ର ଇ/ଏ ସଂଖ୍ୟା 2543/92-C ରେ ନୂଆଦିଲ୍ଲୀସ୍ଥିତ କେନ୍ଦ୍ରୀୟ ଉତ୍ପାଦ, ସୀମା ଏବଂ ସୁନା (ନିୟନ୍ତ୍ରଣ) ଅପିଲୀୟ ନ୍ୟାୟାଧିକରଣଙ୍କ 30.4.1993 ର ରାୟ ଏବଂ ଆଦେଶରୁ ଅପିଲ।

ସହିତ

ଦେୱାନୀ ଅପିଲ ସଂଖ୍ୟା 10232/1996।

ଅପିଲକାରୀମାନଙ୍କ ତରଫରୁ ଭି. ଲକ୍ଷ୍ମୀକୁମାରନ୍, ଏ. ଆର୍. ମାଧବ ରାଓ, ଆଲୋକ ଯାଦବ ଏବଂ ଭି. ବାଲଚନ୍ଦ୍ରନ୍।

ଉତ୍ତରଦାତାଙ୍କ ତରଫରୁ ଆଟର୍ଣ୍ଣି ଜେନେରାଲ ସୋଲି ଜେ. ସୋରାବଜୀ, ରାଜୀବ ନନ୍ଦା ଏବଂ ବି. କ୍ରିଷ୍ଣା ପ୍ରସାଦ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଦେୱାନୀ ଅପିଲ ସଂଖ୍ୟା 737/1995:

ଅପିଲ ସଂଖ୍ୟା E/2543/92-C ରେ ଉତ୍ପାଦ, ସୀମା ଏବଂ ସୁନା (ନିୟନ୍ତ୍ରଣ) ଅପିଲୀୟ ନ୍ୟାୟାଧିକରଣଙ୍କ 30.4.1993 ର ଆଦେଶ ସଂଖ୍ୟା 146/1993-C ରୁ ଉତ୍ପାଦନକାରୀ-ଟିକସଦାତାଙ୍କ ଦ୍ୱାରା ଦାୟର କରାଯାଇଥିବା ଏହି ଅପିଲରେ ଉଠିଥିବା ସଂକ୍ଷିପ୍ତ କିନ୍ତୁ ଦୃଷ୍ଟି ଆକର୍ଷକ ପ୍ରଶ୍ନ ହେଉଛି: 'କୁମ୍-କୁମ୍ ପେନସିଲ୍' 3 ଏପ୍ରିଲ, 1986 ର ଅଧିସୂଚନା ସଂଖ୍ୟା 235/1986-CE ର ସୁବିଧା ପାଇବାକୁ ହକଦାର କି ନୁହେଁ।

ଟିକସଦାତା କୁମ୍-କୁମ୍ ପେନସିଲ୍ ଉତ୍ପାଦନ କରନ୍ତି। କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ଅଧିନିୟମ, 1985 ର ଶୀର୍ଷକ 3304.00 ଅଧୀନରେ 'କୁମ୍-କୁମ୍ ପେନସିଲ' କୁ କାହିଁକି ଶ୍ରେଣୀବିଭାଗୀକୃତ କରାଯିବା ଉଚିତ ନୁହେଁ ବୋଲି କାରଣ ଦର୍ଶାଇବା ପାଇଁ ଟିକସଦାତାଙ୍କୁ ମାଡ୍ରାସର V-ଡିଭିଜନର କେନ୍ଦ୍ରୀୟ ଉତ୍ପାଦ ସହକାରୀ କଲେକ୍ଟରଙ୍କ ଦ୍ୱାରା 13 ମାର୍ଚ୍ଚ, 1991 ରେ ନୋଟିସ୍ ଜାରି କରାଯାଇଥିଲା। ଯେଉଁ ପ୍ରଶ୍ନ ବିଚାର ପାଇଁ ଆସିଥିଲା ତାହା ହେଉଛି କୁମ୍-କୁମ୍ ପେନସିଲ୍ ଏବଂ ଭ୍ରୂଲତା ପେନସିଲ୍, ଶୀର୍ଷକ 3304.00 ଅଧୀନରେ ଏକ ଏବଂ ସମାନ ସାମଗ୍ରୀ ଭାବେ ଶ୍ରେଣୀବିଭାଗୀକୃତ ହୋଇ ପାରିବ ନା ଭିନ୍ନ ସାମଗ୍ରୀ ଭାବେ ଶ୍ରେଣୀବିଭାଗୀକୃତ ହେବ। ଉଭୟ ସହକାରୀ କଲେକ୍ଟର ଏବଂ କଲେକ୍ଟର (ଆବେଦନ) ନିର୍ଣ୍ଣୟ କରିଛନ୍ତି ଯେ କୁମ୍-କୁମ୍ ପେନସିଲ୍ ହେଉଛି ଭିନ୍ନ ଏବଂ ଏହାକୁ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ଅଧିନିୟମ, 1985 ର ଶୀର୍ଷକ 3307.00 ଅନୁଯାୟୀ ଶ୍ରେଣୀବିଭାଗୀକୃତ କରାଯାଇପାରିବ। କିନ୍ତୁ ଏହା ପରବର୍ତ୍ତୀ ପ୍ରଶ୍ନ ଉଠାଇଲା ଯେ କୁମ୍-କୁମ୍ ପେନସିଲ୍ ପ୍ରକୃତରେ 'କୁମ୍-କୁମ୍' ଶବ୍ଦର ଅର୍ଥ ମଧ୍ୟରେ ଆସିବ କି ନାହିଁ। ସେହି ପ୍ରସଙ୍ଗରେ

ମଧ୍ୟ, ମୂଳ କର୍ତ୍ତୃପକ୍ଷ ଏବଂ ଅପିଲୀୟ କର୍ତ୍ତୃପକ୍ଷ ଜାଣିବାକୁ ପାଇଲେ ଯେ କୁମ୍-କୁମ୍ ପେନସିଲ୍ ହେଉଛି 'କୁମ୍-କୁମ୍' ର ଏକ ପ୍ରକାର ଏବଂ ସେଥିପାଇଁ, ଏହା ଅଧିସୂଚନା ସଂଖ୍ୟା 235/1986-CE ର ସୁବିଧା ପାଇବାକୁ ହକଦାର ଅଟେ । ତେବେ, ରାଜସ୍ୱ ବିଭାଗର ଅପିଲ ଉପରେ ସୀମା, ଉତ୍ପାଦ ଏବଂ ସୁନା (ନିୟନ୍ତ୍ରଣ) ଅପିଲୀୟ ନ୍ୟାୟାଧିକରଣ (ସଂକ୍ଷେପରେ, ନ୍ୟାୟାଧିକରଣ) ରାୟ ଦେଇଥିଲେ ଯେ କୁମ୍-କୁମ୍ ର ପାଉଡର, ତରଳ କିମ୍ବା ଷ୍ଟିକର ପ୍ରକାରକୁ ସାଧାରଣ ଭାଷାରେ 'କୁମ୍-କୁମ୍' ଭାବରେ ବିବେଚନା କରାଯାଇପାରିବ । ଅଧିସୂଚନା ସଂଖ୍ୟା 235/1986-CE ଦ୍ୱାରା ମଞ୍ଜୁର ହୋଇଥିବା ଅବ୍ୟାହତି ଅଧୀନରେ କୁମ୍-କୁମ୍ ର ପେନସିଲ ପ୍ରକାରକୁ ଅନ୍ତର୍ଭୁକ୍ତ କରିବାକୁ ଏହା ମନା କରିଦେଇଥିଲେ । ଏହି ଅପିଲରେ ସେହି ଦୃଷ୍ଟିକୋଣକୁ ଆପତ୍ତି କରାଯାଇଛି ।

22.5.1986 ର ଅଧିସୂଚନା ସଂଖ୍ୟା 323/1986-C.E., 23.1.1987 ର ଅଧିସୂଚନା ସଂଖ୍ୟା 12/1987-C.E. ଏବଂ 1.3.1988 ର ଅଧିସୂଚନା ସଂଖ୍ୟା 48/1988-C.E. ଦ୍ୱାରା ସଂଶୋଧିତ ଅଧିସୂଚନା ସଂଖ୍ୟା 235/1986-CE ନିମ୍ନମତେ ଅଛି:

> "କୁମ୍ କୁମ୍ ଏବଂ କାଜଲକୁ ଅବ୍ୟାହତି - କେନ୍ଦ୍ରୀୟ ଉତ୍ପାଦ ନିୟମ, 1944 ର ନିୟମ 8 ର ଉପ-ନିୟମ (1) ଦ୍ୱାରା ପ୍ରଦତ୍ତ କ୍ଷମତା ପ୍ରୟୋଗ କରି, କେନ୍ଦ୍ର ସରକାର ଏତଦ୍ଦ୍ୱାରା କେନ୍ଦ୍ରୀୟ ଉତ୍ପାଦ ଅଧିନିୟମ, 1985 (5/1986) ର ଅନୁସୂଚୀର ଉପ-ଶୀର୍ଷକ ସଂଖ୍ୟା 3307.90 ଅଧୀନରେ ଆସୁଥିବା ଏବଂ ସଂଲଗ୍ନ ହୋଇଥିବା ଟେବୁଲର ସ୍ତମ୍ଭ (2) ରେ ନିର୍ଦ୍ଦିଷ୍ଟ କରାଯାଇଥିବା ବର୍ଣ୍ଣନାର ସାମଗ୍ରୀଗୁଡ଼ିକୁ ଉକ୍ତ ଅନୁସୂଚୀରେ ନିର୍ଦ୍ଦିଷ୍ଟ ହୋଇଥିବା ଉତ୍ପାଦ ଶୁଳ୍କରୁ ଛାଡ଼ପ୍ରାପ୍ତ କରେ, ଯାହା ସ୍ତମ୍ଭ (3) ରେ ଅନୁରୂପ ଲିଖିତବିଷୟରେ ନିର୍ଦ୍ଦିଷ୍ଟ ହାରରେ ଗଣନା କରାଯାଇଥିବା ପରିମାଣଠାରୁ ଅଧିକ ଅଟେ" ।

ସାରଣୀ

| କ୍ରମିକ ସଂଖ୍ୟା | ସାମଗ୍ରୀର ବର୍ଣ୍ଣନା | ଶୁଳ୍କ ହାର |
|---|---|---|
| (1) | (2) | (9) |
| 1. | କୁମ୍ କୁମ୍ | କିଛି ନାହିଁ |
| 2. | କାଜଲ | କିଛି ନାହିଁ |
| 3. | ସିନ୍ଦୁର | କିଛି ନାହିଁ |
| 4. | ଅଳତା ଏବଂ ମହାବର୍ | କିଛି ନାହିଁ |

ବାସ୍ତବରେ, ଅଧିସୂଚନା ଏହି ଆଧାରରେ ଆଗକୁ ବଢ଼ିଛି ଯେ କୁମ୍ କୁମ୍ ଏବଂ ଅନ୍ୟ ଚାରୋଟି ସାମଗ୍ରୀ *ଉପ-ଶୀର୍ଷକ 3307.90* ଅଧୀନରେ ରହିଥିଲା।

କଲେକ୍ଟର (ଅପିଲ) ଙ୍କ ଆଦେଶକୁ ପଢ଼ିବା ଦ୍ୱାରା ଏହା ସ୍ପଷ୍ଟ ହେଉଅଛି ଯେ କୁମ୍ କୁମ୍ ବଜାରରେ ଚାରୋଟି ଭିନ୍ନ ଭିନ୍ନ ପ୍ରକାରରେ ଉପଲବ୍ଧ । ଏହା ମଧ୍ୟ ରେକର୍ଡ଼ରେ ଅଛି ଯେ ମହିଳା/ଝିଅମାନଙ୍କ ଦ୍ୱାରା ଏହାକୁ କପାଳରେ ଏକ "ବିନ୍ଦି" ଚିହ୍ନ କରିବାକୁ ବ୍ୟବହାର କରାଯାଏ । ଯଦି ଏପରି ହେଉଥାଏ, ତେବେ ନ୍ୟାୟାଧିକରଣଙ୍କ ଏହି ଯୁକ୍ତିଯୁକ୍ତତାକୁ ପ୍ରଶଂସା କରିବା କଷ୍ଟକର ଯେ ଯଦିଓ ପାଉଡର, ତରଳ ଏବଂ ଷ୍ଟିକର ପ୍ରକାର 'କୁମ୍-କୁମ୍' ଶବ୍ଦର ଅର୍ଥ ମଧ୍ୟରେ ଆସିବ, କିନ୍ତୁ କୁମ୍ କୁମ୍ ର ପେନସିଲ୍ ପ୍ରକାରଟି ଏହାର ଅର୍ଥ ମଧ୍ୟରେ ଆସିବ ନାହିଁ। ଯେହେତୁ 'କୁମ୍-କୁମ୍' ଉକ୍ତ ସମସ୍ତ ଚାରୋଟି ପ୍ରକାରରେ ବଜାରରେ ଉପଲବ୍ଧ ଅଛି ଏବଂ କେନ୍ଦ୍ର ସରକାର ସମ୍ପୃକ୍ତ ଅଧିସୂଚନାରେ ଉକ୍ତ ଅଧିସୂଚନାର ସୁବିଧାକୁ ଏକ ନିର୍ଦ୍ଦିଷ୍ଟ ପ୍ରକାର କିମ୍ବା ପ୍ରକାରଗୁଡ଼ିକରେ ସୀମିତ କରିନାହାଁନ୍ତି, ତେଣୁ ପେନସିଲ୍ ପ୍ରକାରରେ 'କୁମ୍-କୁମ୍' କୁ ଏହି ଅଧିସୂଚନାର ସୁବିଧାରୁ ବଞ୍ଚିତ କରିବାର କୌଣସି ବୈଧ କାରଣ ଥିବା ଜଣା ପଡୁ ନାହିଁ। ଯେହେତୁ ଅଧିସୂଚନାରେ 'କୁମ୍-କୁମ୍' ଏକ ସାଧାରଣ ଶବ୍ଦ ଭାବେ ବ୍ୟବହୃତ ହୋଇଛି, ତେଣୁ ଏହା 'କୁମ୍-କୁମ୍' ର ସମସ୍ତ ପ୍ରକାରକୁ ଅନ୍ତର୍ଭୁକ୍ତ କରିବ।

ମାମଲାଟିର ଏହି ଦୃଷ୍ଟିକୋଣରୁ, ଆମ୍ଭେ ନ୍ୟାୟାଧିକରଣଙ୍କ ଆଦେଶକୁ ରଦ୍ଦ କରୁଛୁ ଏବଂ କଲେକ୍ଟର (ଆବେଦନ) ଙ୍କ ଆଦେଶକୁ ପୁନଃସ୍ଥାପନ କରୁଛୁ।

ତଦନୁସାରେ, ଦେୱାନୀ ଅପିଲଟିକୁ ମଞ୍ଜୁରୀ ଦିଆଯାଇଛି।

କୌଣସି ଖର୍ଚ୍ଚ ନାହିଁ।

ଦେୱାନୀ ଅପିଲ ସଂଖ୍ୟା 10232/1996:

ଦେୱାନୀ ଅପିଲ ସଂଖ୍ୟା 737/1995 ରେ ପାରିତ ଆଦେଶକୁ ଦୃଷ୍ଟିରେ ରଖି, ଏହି ଅପିଲକୁ ମଧ୍ୟ ମଞ୍ଜୁରୀ ଦିଆଯାଉଛି।

କୌଣସି ଖର୍ଚ୍ଚ ନାହିଁ।

ଆର୍. ପି. ଅପିଲଗୁଡ଼ିକୁ ମଞ୍ଜୁରୀ ଦିଆଗଲା।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

*ଅନୁବାଦକ :*

**ଅମରେଶ୍ୱର ମିଶ୍ର,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।**